### ଦେଓପାଲି ଡ୍ୟାମ୍ ସୁରକ୍ଷା କର୍ମୀଙ୍କ ସନ୍ଦେହ ଜନକ ମୃତ୍ୟୁ

ତେନ୍ତୁଳିଖୁଣ୍ଟି,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟରତ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ତେନ୍ତୁଳିଖୁଣ୍ଟି ବ୍ଲକ ଆଉଲିଗୁମ୍ମା ଗ୍ରାମର ଧନୁ ମୁଦୁଲି (୫୦)। ସେ ଦେଓପାଲି ଡ୍ୟାମ୍ ଅପର ପାର୍ଶ୍ୱ ଗେଟରେ କାର୍ଯ୍ୟ କରିବାକୁ ସୋମବାର ରାତିରେ ଯାଇଥିଲେ। କିନ୍ତୁ ସକାଳୁ ସେ ଆଉ ଉଠି ନ ଥିଲେ। ସାଥୀ କର୍ମଚାରୀମାନେ ତାଙ୍କୁ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ତେନ୍ତୁଳିଖୁଣ୍ଟି ପୋଲିସ ୧/୨୩ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ସଂକ୍ଷେପରେ

### ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ

ପଟ୍ଟାଙ୍ଗି, ୧୦।୧(ଡି.ଏନ୍.ଏ.)- କୋରାପୁଟ ଜିଲା ପଟ୍ଟାଙ୍ଗି ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡ୍‌କ୍ରସ କାଉନ୍‌ସିଲର ତଥା ଅଧ୍ୟାପକ ସରୋଜ ରଞ୍ଜନ ଭୂୟାଁଙ୍କ ଅଧ୍ୟକ୍ଷତାରେ ଚାଲିଥିବା ୩ଦିନିଆ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ନାଲ୍‌କୋ ଜିଜିଏମ୍ (ସିଆର୍‌ଜି) ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ସୁନାବେଡ଼ା ଏରୋନଟିକ୍ସ କଲେଜ ଅବସରପ୍ରାପ୍ତ ପ୍ରାଧାପକ ତଥା ସାହିତ୍ୟିକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇଥିଲେ। ୩୦ରୁ ଊର୍ଦ୍ଧ୍ୱ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜରୁ ଆସିଥିବା ୧୮୦ ଛାତ୍ରୀଛାତ୍ର ଏହି ଶିବିରରେ ଭାଗନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଲୋକମାନଙ୍କୁ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଇବା ପାଇଁ ୩୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜରୁ ଆସିବା କାଉନ୍‌ସିଲରମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପିକାମାନେ ୨୮ ୟୁନିଟ୍ ରକ୍ତଦାନ କରିଥିଲେ। ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଅଶୋକ ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପିକା ରାଜଶ୍ରୀ ବିଶ୍ୱାଳ, ଜ୍ୟୋତ୍ସ୍ନାମୟୀ ସାହୁ, ଅଧ୍ୟାପକ ତ୍ରୈଲୋଚନ ରଣା, ସୁଧାଂଶୁ ଭୂଷଣ ଜେନା, ଡିଗ୍ରୀ କଲେଜ ଅଧ୍ୟାପିକା ସରିତା ସାହୁ, ଅବନୀ ମହାରଣା, ଝିଲି ରାଣୀ ସାମନ୍ତରାୟ , ଗୀତାଞ୍ଜଳି ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରେଡ୍‌କ୍ରସ କନ୍‌ଭେନର ଲୋପାମୁଦ୍ରା ସ୍ୱାଇଁ ଏବଂ ଜିଲା ସଂଯୋଜକ ନରେଶ ଚନ୍ଦ୍ର ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

### ନଦୀରେ ଭାସିଯାଇ ଯୁବକ ମୃତ

ବୈପାରୀଗୁଡ଼ା, ୧୦।୧(ଡି.ଏନ୍.ଏ) ବୈପାରୀଗୁଡ଼ା ଥାନା ପୂଜାରୀଗୁଡା ପଞ୍ଚାୟତ ଲିମ୍ବାଗୁଡାଗ୍ରାମର ଜଣେ ଯୁବକଙ୍କ ନଦୀରେ ଭାସିଯାଇ ମୃତ୍ୟୁ ହୋଇଛି। ସେ ହେଲେ ନରେଶ ପୂଜାରୀ(୧୮)। ନରେଶ ବିରିଗାଡ ନଦୀକୁ ଗାଧେଇବାକୁ ଯାଇଥିବାବେଳେ ପାଣିରେ ଭାସି ଯାଇଥିଲେ। ପରିବାର ଓ ସମ୍ପର୍କୀୟମାନେ ନଦୀରେ ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରିଥିଲେ।

### ବସ୍ ଚକାତଳେ ପଡି ମହିଳାଙ୍କ ମୃତ୍ୟୁ

ବୈପାରୀଗୁଡ଼ା, ୧୦।୧(ଡି.ଏନ୍.ଏ)- ବୈପାରୀଗୁଡ଼ା ଥାନା ରାମଗିରୀ ଫାଣ୍ଡି ଅଧୀନ ଦଣ୍ଡାବାଡି-ଚିପାକୁର ରାସ୍ତାରେ ପାଙ୍ଗଣପାଣିରେ ବସ୍ ଚକା ତଳେ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପାଙ୍ଗ୍ରିପାଣି ଗ୍ରାମର କୁନ୍ତଳା ନାୟକ (୩୦)। କୁନ୍ତଳା ତାଙ୍କ ସ୍ୱାମୀଙ୍କ ବାଇକ୍‌ରେ ବସି ଯାଉଥିଲେ। ସାମନାପଟୁ ଆସୁଥିବା ଏକ ଘରୋଇ ବସ୍‌କୁ ସାଇଡ୍ ଦେବାବେଳେ ଭାରସ୍ୟାମ ହରାଇ ବାଇକ୍ ପଡିଯିବାରୁ କୁନ୍ତଳା ବସ୍ ଚକା ତଳକୁ ଗଡ଼ି ପଡଇଥିଲେ। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଫାଣ୍ଡି ଅଧିକାରୀ ବଳରାମ ହିକ୍କା ଓ ବୈପାରୀଗୁଡା ଥାନାଧିକାରୀ ଅଶ୍ୱିନ କୁମାର ପଟ୍ଟନାୟକ ଘଟଣାସ୍ଥଳକୁ ଯାଇ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା।

### ଶିଶୁ ଶ୍ରମିକ ଉଦ୍ଧାର

ଜୟପୁର, ୧୦।୧ (ନି.ପ୍ର.)- ଜିଲା ଶ୍ରମ ବିଭାଗ ଅଧିକାରୀମାନେ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଜିଲା ଶ୍ରମଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲା ଶିଶୁ ଶ୍ରମିକ ଟାସ୍କ ଫୋର୍ସ କମିଟି ଗଠନ କରାଯାଇଛି। ଏହି କମିଟିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ଦାସ, ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝି, ପଦ୍ମଚରଣ ପଣ୍ଡା, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉମା ଚରଣ ଚୌଧୁରୀ, ପ୍ରେମଲତା , ଚାଇଲ୍ଡ ଲାଇନ ସଦସ୍ୟ ହେମନ୍ତ ବେହେରା, ବଳରାମ ପାତ୍ରଙ୍କ ସହ ଜୟପୁର ଟାଉନ ପୋଲିସ ଉପସ୍ଥିତ ଥିଲେ। ଏହି କମିଟି ଜୟପୁର ସହରର କେନାଲ ରୋଡରେ ଥିବା ଗୋଟିଏ ଗ୍ୟାରେଜରୁ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି।

# ଚଳିତ ମାସରୁ ଆରମ୍ଭ ହେବ ସର୍ଭେ

■ ଜିଲାରେ ଏକାଦଶ କୃଷି ଗଣନା ସମ୍ପର୍କିତ ବୈଠକ
■ କାର୍ଯ୍ୟ ତଦାରଖ କରିବେ ପରିସଂଖ୍ୟାନ ବିଭାଗ ଅଧିକାରୀ, ରାଜସ୍ୱ ନିରୀକ୍ଷକ

ନବରଙ୍ଗପୁର, ୧୦।୧(ବି.ପ୍ର.)

ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ହେବାକୁ ଥିବା ଏକାଦଶ କୃଷି ଗଣନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି।

ପ୍ରାରମ୍ଭିକ ସୂଚନାରେ ଜିଲାପାଳ ଚଳିତ ଏକାଦଶ କୃଷି ଗଣନାର ଆଭିମୁଖ୍ୟ ସହ ଏଥିରେ ସାମିଲହେବାକୁ ଥିବା ନୂତନ ନିୟମାବଳୀକୁ ପାଳନକରି ସର୍ଭେ କାମ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବାକୁ ପରାମର୍ଶ ଦେଇଥିଲେ। ଜାନୁୟାରୀରୁ କ୍ଷେତ୍ରୀୟ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବା ନେଇ ବୈଠକରେ ଆଲୋଚନା ହୋଇଛି। ଏହି ଗଣନା କାର୍ଯ୍ୟରେ ଜିଲା ପରିସଂଖ୍ୟାନ ବିଭାଗର କ୍ଷେତ୍ର ସର୍ଭେୟର ଓ ନିରୀକ୍ଷକ, କୃଷି ବିଭାଗର ଗ୍ରାମ କୃଷି କର୍ମଚାରୀ ଓ ପରିଦର୍ଶକ ଏବଂ ରାଜସ୍ୱ ବିଭାଗର ଅମିନ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ସାମିଲ ହେବେ। ସମସ୍ତ ଗଣନାକାରୀଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ପରିସଂଖ୍ୟାନ ବିଭାଗର ଅଧିକାରୀ ଏବଂ ରାଜସ୍ୱ ନିରୀକ୍ଷକ ସୁପରଭାଇଜରଭାବେ କାମ କରିବେ। ଜିଲାର ୮୮୭ ରାଜସ୍ୱ ଗ୍ରାମ ଓ ସହରାଞ୍ଚଳରେ ସର୍ଭେ କାମ କରାଯିବା। ଗଣନା କାର୍ଯ୍ୟ ତଦାରଖ ଓ ଧାର୍ଯ୍ୟ ସମୟରେ ସରିବା ନିମନ୍ତେ ସମସ୍ତ ଉପଜିଲାପାଳ ଉପଖଣ୍ଡସ୍ତରୀୟ ନୋଡାଲ ଅଧିକାରୀ ଏବଂ ସମସ୍ତ ତହସିଲଦାର ତହସିଲସ୍ତରୀୟ ନୋଡାଲ ଅଧିକାରୀଭାବେ କାର୍ଯ୍ୟ କରିବେ। ଏହି ଗଣନା କାର୍ଯ୍ୟରେ ଜମିର ମାଲିକାନା, ଜମିର ଆକାର ପ୍ରକାର, କ୍ଷୁଦ୍ର ନାମମାତ୍ର ଚାଷୀ, ବୃହତ୍ ଚାଷୀ, ବ୍ୟକ୍ତିଗତ ଜୋତ,ଯୁଗ୍ମ ଜୋତ, ଆନୁଷ୍ଠାନିକ ଜୋତ, କୃଷି ଯନ୍ତ୍ରପାତି ଉପଯୋଗ, ଜୈବିକ ଓ ରାସାୟନିକ ସାର, କୀଟନାଶକ ଆଦିର ବ୍ୟବହାର, ବ୍ୟବହୃତ ଚାଷଜମି ତଥା ଅନ୍ୟ କୃଷି ଆନୁଷାଙ୍ଗିକ ବ୍ୟବହାର, ଫସଲ ପ୍ରଣାଳୀ ଉପରେ ତଥ୍ୟ ସଂଗ୍ରହ କରାଯିବ। ଏହି ସଂଯୋଜନା କମିଟି ବୈଠକ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଭାରପ୍ରାପ୍ତ ଉପନିର୍ଦ୍ଦେଶକ ଉଦୟନାଥ ବେହେରାଙ୍କ ଆବାହନରେ ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ ତଥା ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡୀ, ଜିଲା ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଭାବଗ୍ରାହୀ ବେହେରା, ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ଡ. ସୁନୀଲ କୁମାର ପ୍ରଧାନ, ସମବାୟ ସମିତି ଉପନିବନ୍ଧକ ମୋନିକା ରାୟ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସୂଚନା ବିଜ୍ଞାନ ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଭୁକ୍ତା, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ନିତ୍ୟାନନ୍ଦ ବେହେରା, ନରେନ୍ଦ୍ର ନାଏକ, ଭରତ ଚନ୍ଦ୍ର ଶୁଣ୍ଡୀ, ରୋନାଲି ନାୟକ ପ୍ରମୁଖ ଆଲୋଚନାବେଳେ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

### ଜନ୍ମଗତ ବକ୍ରପାଦ ଅସ୍ତ୍ରୋପଚାର ଶିବିର

ଜୟପୁର/କୋରାପୁଟ, ୧୦।୧(ନି.ପ୍ର./ସ୍ୱ.ପ୍ର.)

କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲା ସାମାଜିକ ସୁରକ୍ଷା ଉପବିଭାଗ ପକ୍ଷରୁ ଜନ୍ମଗତ ବକ୍ରପାଦ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ବ୍ଲକ ଏବଂ ପୌର ପରିଷଦର ବକ୍ରପାଦ ଥିବା ୨ରୁ ୧୮ ବର୍ଷର ୯୫ ପିଲା ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ବୁଧବାର ୩୦ ଜଣଙ୍କର ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା, ଓଲଟପୁର, କଟକର ବିଶେଷଜ୍ଞମାନେ ଅସ୍ତ୍ରୋପଚାର କରିବେ। ଅନ୍ୟ ୩୦ଜଣଙ୍କୁ ଫେବୃୟାରୀ ପ୍ରଥମ ସପ୍ତାହରେ ଅସ୍ତ୍ରୋପଚାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବଳକା ୩୫ ଜଣଙ୍କ ଅସ୍ତ୍ରୋପଚାର ଜଟିଳ ଥିବାରୁ ତାଙ୍କୁ ଓଲଟପୁର ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥାକୁ ପଠାଯିବାର ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଜୟପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି .ସୁନୀତା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ଜୟପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆହାନା ବୈଦ, କନିଷ୍ଠ ସହାୟକ ଜଗନ୍ନାଥ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସକାଳୁ ରାମଧୁନ୍, ପ୍ରଭାତଫେରି

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ନେଇ ଜିଲା ପ୍ରଶାସନର ବୈଠକ

କୋରାପୁଟ,୧୦।୧(ସ୍ୱ.ପ୍ର.)


ବୈଠକରେ ଜିଲାପାଳ, ଅଧିକାରୀ ଓ ଅନ୍ୟମାନେ।

୭୪ତମ ସାଧାଣତନ୍ତ୍ର ଦିବସ ପାଳନ ନେଇ ମଙ୍ଗଳବାର କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କରାଯାଇଛି। କୋରାପୁଟ ଜିଲାପାଳ ଅବ୍‌ଦାଲ ଏମ୍. ଅଖତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସକାଳ ୫ଟାରୁ ୬ ଟା ମଧ୍ୟରେ ରାମଧୁନ ସହ ପ୍ରଭାତ ଫେରୀ କାର୍ଯ୍ୟକ୍ରମ କରାଯିବା ନେଇ ସ୍ଥିର ହୋଇଛି। ଏହାପରେ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ପ୍ରଦାନ, ଜିଲାସ୍ତରୀୟ ପରେଡ୍ କାର୍ଯ୍ୟକ୍ରମରେ ଜିଲା ପୋଲିସ, ଆଇଆର୍‌ବି, ଓଏସ୍‌ଏସ୍‌ପି ତୃତୀୟ ବାଟାଲିଆନ, ସିଭିଲ ଡିଫେନ୍ସ, ଏନ୍‌ସିସି, ଓ ହାଇସ୍କୁଲଠାରୁ କଲେଜ ପର୍ଯ୍ୟନ୍ତ ସମସ୍ତ ଦଳ ଏଥିରେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପର ପୋଲିସ ପଡିଆରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ କରିବାକୁ ଜିଲା ପୂର୍ତ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବା ପରେ ପୋଲିସ ପଡ଼ିଆଠାରେ ରକ୍ତଦାନ ଶିବିର ସମେତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଥିଲା। ସେହିପରି ଅପରାହ୍ନରେ ପୋଲିସ ପଡିଆଠାରେ ପ୍ରଶାସନ ଏକାଦଶ ଓ ବାର୍ ଆସୋସିଏସନ ଏକାଦଶ ମଧ୍ୟରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ସନ୍ଧ୍ୟାରେ ସ୍ଥାନୀୟ ମ୍ୟୁନିସିପାଲିଟି ଅଡିଟୋରିୟମଠାରେ ସାଧାରଣତନ୍ତ୍ର ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି(ସାଧାରଣ), ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ (ରାଜସ୍ୱ), ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଜିଲା ସଂସ୍କୃତି ଅଧିକାରୀ ପ୍ରତିସୁଧା ଜେନା, ରିର୍ଜଭ ଇନ୍ସପେକ୍ଟର ସୁବାସ ଚନ୍ଦ୍ର ନାୟକ, କୋରାପୁଟ ଏସ୍‌ଡିପିଓ ମନୋଜ ପୂଜାରୀ, ଟାଉନ ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀ, ବୁଦ୍ଧିଜୀବୀ, ଖବରଦାତା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ୧୦ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ

କୋରାପୁଟ,୧୦।୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କୋରାପୁଟ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସ୍‌ଲୱାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରଦର୍ଶନୀକୁ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳୀ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡିଇଓ ରାମଚନ୍ଦ୍ର ନାହାକ, ବରିଷ୍ଠ ବୈଜ୍ଞାନିକ ଡ. କାର୍ତ୍ତିକ ଲେଙ୍କା, ବିଇଓ ଶ୍ରୀକାନ୍ତ ଜାନି, ପ୍ରଜ୍ଞା ରତୁପର୍ଣ୍ଣା, ଜିଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ସହାୟତାରେ ଆୟୋଜିତ ଏହି ପ୍ରଦର୍ଶନୀରେ ସମୁଦାୟ ୧୨୯ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି। ସେଥିରୁ ୧୦ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲା। କୁମାରୀ ଖରା, ଅର୍ପିତା ପଣ୍ଡା, ଶୁଭ୍ରାଂଶୁ ଦାସ, ରୋହିତ ଟାକ୍ରୀ, ସୋନାଲି ତ୍ରିପାଠୀ, ଅଙ୍କିତା ଖରା, ସବନ ମାଣ୍ଡିଙ୍ଗା, ରୋହିତ ଖରା, ସ୍ନିଗ୍ଧାରାଣୀ ଭତ୍ରା, କୃଷ୍ଣ ଜାନିଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି। ଶିକ୍ଷକ ହିମାଂଶୁ ଦାସ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ରାଜ୍ୟସ୍ତରକୁ ମନୋନୀତ ହୋଇଥିବା କୃତୀ ଛାତ୍ରୀଛାତ୍ର।

### କୌଳିକ ବୃତ୍ତିରେ ଆଧୁନିକତାର ଛାପ

ଟେରାକୋଟା କ୍ରାଫ୍‌ଟ୍ସ ତାଲିମ

ତେନ୍ତୁଳିଖୁଣ୍ଟି, ୧୦।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା କୁମ୍ଭାରଶାଳରେ ଟେରାକୋଟା କ୍ରାଫ୍‌ଟ୍ସ ତାଲିମ ଓ ଡିଜାଇନ ବିକାଶ କାର୍ଯ୍ୟକ୍ରମ ନବରଙ୍ଗପୁର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ସଚିନ କୁମାର ପଟେଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ଏହି ତାଲିମ ୧୮ ଦିନ ହେଲା ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱରରୁ ଇଂ.ରମାନୁଜ ବୈରିଗଞ୍ଜନ ଶିବିର କେନ୍ଦ୍ରରେ ପହଞ୍ଚିଥିଲେ। ତାଲିମ ନେଉଥିବା ହସ୍ତଶିଳ୍ପୀଙ୍କ ମାଟିରେ ତିଆରି କରିଥିବା ବିଭିନ୍ନ ପ୍ରକାର ଫୁଲଦାନୀ, ମୂର୍ତ୍ତି ଦେଖିବା ସହ କେମିତି କଲେ ସୁବିଧା ଓ ସହଜରେ ଶିକ୍ଷା ପାଇପାରିବେ ତାହା ବୁଝେଇଥିଲେ। କୌଳିକ ବୃତ୍ତିରେ ଆଧୁନିକତା ର ସ୍ପର୍ଶ ଦେଇ ଆଧୁନିକ ଚାକଚକ୍ୟ ଭରା ବଜାରରେ ମଧ୍ୟ ନିଜ ଉତ୍ପାଦକୁ କିପରି ବିକ୍ରି କରିହେବ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏହି ଟେରାକୋଟା ତାଲିମ ୩୦ ଜଣ ନେଉଥିବା ବେଳେ ୨ମାସ ଧରି ତାଲିମ ଦିଆଯିବ ବୋଲି କହିଥିଲେ ହସ୍ତଶିଳ୍ପ ବିକାଶ ଅଧିକାରୀ ସଚିନ କୁମାର ପଟେଲ। ଏହି ତାଲିମ ଦ୍ୱାରା କୁମ୍ଭକାର ପରିବାର ନିଜ କୌଳିକ ବୃତ୍ତିରୁ ଦୁରେଇଯିବାରୁ ରୋକା ଯାଇପାରିବ। ସେମାନେ ମଧ୍ୟ ବିଭିନ୍ନ ସାମଗ୍ରୀ ତିଆରି କରି ବିକ୍ରି କରି ପାରିବେ। ସେମାନଙ୍କ ସାମଗ୍ରୀର ଗୁଣବତ୍ତା ବୃଦ୍ଧି ପାଇଁ ଜିଲା ହସ୍ତଶିଳ୍ପ ବିଭାଗ ସମସ୍ତ ପ୍ରକାର ସହାୟତା କରିବ ବୋଲି ସେ କହିଛନ୍ତି। ଆର୍ଥିକ ସହାୟତା ସହ ପରିଚୟପତ୍ର ଦେବାକୁ ସ୍ଥାନୀୟ କୁମ୍ଭାରମାନେ ଅନୁରୋଧ କରିଥିଲେ।



# ଜିଲାସ୍ତରୀୟ ଦୌଡ଼କୁଦ, ଖେଳ ପ୍ରତିଯୋଗିତା ଉଦ୍‌ଯାପିତ

ପାପଡାହାଣ୍ଡି,୧୦।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଲାଲବହାଦୁର ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଦୌଡ଼କୁଦ ଓ ଖେଳ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଡିଇଓ ପ୍ରଦୀପ କୁମାର ନାଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଡ କମଳଲୋଚନ ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ତହସିଲଦାର ଯୋଗେଶ୍ୱର ଭୋଇ ଏଡିଇଓ ଡା. ରେଶମଲାଲ ନାୟକ, ଏଡିଇଓ ବିଶ୍ୱନାଥ ସାହୁ, ବିଇଓ ବୀରେନ୍ଦ୍ର କୁମାର ପାଢ଼ୀ, ଡିଏସଏସଓ ମହେନ୍ଦ୍ର ସାହୁ, ଲାଲ ବହାଦୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ ଓ ଜିଲାର ସମସ୍ତ ବିଇଓ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଜଣେ ଖେଳାଳି କେବେ ହାରେନି ବୋଲି ଜିଲାପାଳ କହିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ବରିଷ୍ଠ ବର୍ଗର ଜିଲାର ୧୦ ବ୍ଲକରୁ ୪୩୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୮୦ ଜଣ ଖେଳ ଶିକ୍ଷକ ଉପସ୍ଥିତ ଥିଲେ। ୨୦୦ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଭାଗି ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଏବିଇଓ ବାଲକଦାସ ରନ୍ଧାରୀ, ଆଇପି ବିଭାସ ଦେ, ଖେଳ ଶିକ୍ଷକ ପ୍ରଭାତ ପଟ୍ଟନାୟକ, ମନୋରଞ୍ଜନ ପ୍ରହରାଜ, କାଳି କିଙ୍କର ପଟ୍ଟନାୟକ, ଯାଉଲ ହୁସେନ, ପ୍ରଭାତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଜିଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ନାରାୟଣ ପାଇକରାୟ, ପ୍ରକାଶିନୀ ଚୌଧୁରୀ, କମଳାକାନ୍ତ ରାଉତ, ଅରୁଣ କୁମାର ଗିରି, ଦେବପ୍ରସାଦ ମଲ୍ଲ, ଦେବବନ୍ଧୁ ଦେବଦାସ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କବାଡ଼ି ପ୍ରତିଯୋଗିତା।

# ୬ଦିନ ହେବ ପଞ୍ଚାୟତ ଅଫିସରେ ତାଲା

ବୋରିଗୁମ୍ମା, ୧୦।୧(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କୁମୁଲି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ତାଲିକାରେ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ କରି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି ଗ୍ରାମବାସୀ। ୬ ଦିନ ହେବ କୁମୁଲି ପଞ୍ଚାୟତ କାର୍ଯ୍ୟାଳୟ ଖୋଲିନି କି କୌଣସି ସରକାରୀ କାର୍ଯ୍ୟ ହୋଇପାରିନି।

ସୂଚନାନୁଯାୟୀ, ଏହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକାଭୁକ୍ତ ହୋଇଥିବାବେଳେ ସେଥିରୁ କେବଳ କେତେଜଣ ହିତାଧିକାରୀଙ୍କ ଘର ପ୍ରଦାନ ପାଇଁ ଜିଓ ଟାକ୍ ହେଉଛି। ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଘର ପ୍ରଦାନ ଦାବିରେ ଗ୍ରାମବାସୀ ପଞ୍ଚାୟତ ଅଫିସରେ ତାଲା ପକାଇଛନ୍ତି। ଘଟଣାକୁ ୬ଦିନ ବିତି ଯାଇଥିଲେ ମଧ୍ୟ କୌଣସି ବ୍ଲକ ଅଧିକାରୀ ସେଠାରେ ପହଞ୍ଚି ନାହାନ୍ତି। ଗ୍ରାମବାସୀ ଓ ହିତାଧିକାରୀଙ୍କ ଜିଦରେ ଅଟଳ ଥିବାବେଳେ ପ୍ରଶାସନର ନୀରବତା ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନି। ନିରପେକ୍ଷ ତଦନ୍ତ ନ ହେବା ପର୍ଯ୍ୟନ୍ତ ତାଲା ଖୋଲିବେ ନାହିଁ ବୋଲି ଗ୍ରାମବାସୀ ଓ ହିତାଧିକାରୀ ଜିଦ୍‌ରେ ଅଟଳ। ଏନେଇ ବିଡିଓ ପ୍ରଣବ ରଞ୍ଜନ ବେହେରାଙ୍କୁ ପଚାରିବାରୁ ପଞ୍ଚାୟତ ଅଧିକାରୀ ଓ ସରପଞ୍ଚ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯିବା ସହ ତାଲା ଖୋଲାଯିବ ବୋଲି ସେ କହିଛନ୍ତି।

### ଚାରି ଛକରେ ଦୁର୍ଘଟଣା, ଟ୍ରାକ୍ଟର ୩ ଖଣ୍ଡ

କୁନ୍ଦୁରା, ୧୦।୧(ଡି.ଏନ୍.ଏ.)

କୁନ୍ଦୁରାରୁ ଜୟପୁର ଯାଉଥିବା ପିକ୍‌ଅପ (ଓଡି-୧୦ଇ-୯୧୯୯) ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର (ଓଡି-୧୦ଏମ୍-୬୮୬୨) ସହ ଧକ୍କା ହୋଇଥିଲା। ଫଳରେ ଟ୍ରାକ୍ଟର ୩ ଖଣ୍ଡ ହୋଇ ଯାଇଛି। ଟ୍ରାକ୍ଟରଟି କୁନ୍ଦୁରା ବ୍ଲକ ଗୁଣ୍ଡାଲ ଅଞ୍ଚଳର ହୋଇ ଥିବାବେଳେ ପିକ୍‌ଅପ ଗାଡ଼ିଟି ଜୟପୁର ବ୍ଲକ ଉମୁରି ଅଞ୍ଚଳର ବୋଲି ଜଣାପଡିଛି। ଟ୍ରାକ୍ଟର ଡ୍ରାଇଭରଙ୍କୁ ଚିକିତ୍ସା ନିମନ୍ତେ କୁନ୍ଦୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ପିକ୍‌ଅପ ଡ୍ରାଇଭରକୁ କୁନ୍ଦୁରା ପୋଲିସ ଥାନାରେ ଅଟକ ରଖିଛି।



# ଅଧା ଦେଲେ ଅଧା ଛାଡ଼ିଲେ

ଓଏଭିରେ ଶିକ୍ଷକ ପଦବୀ ପୂରଣ ନେଇ ଟାଳଟୁଳ ନୀତି ଅଭିଯୋଗ

ନବରଙ୍ଗପୁର,୧୦।୧(ବି.ପ୍ର.)

ନବରଙ୍ଗପୁର ଜିଲ୍ଲାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟଗୁଡିକରେ ଖାଲିଥିବା ଶିକ୍ଷକ ପଦବୀ ପୁରଣ ନେଇ ତାଳିକା ପ୍ରସ୍ତୁତି ଓ ନିଯୁକ୍ତି ନେଇ ପୁଣି ଥରେ ଅଡୁଆ ବଢ଼ିବାରେ ଲାଗିଛିବ ବିଜ୍ଞାପନ ତାଲିକାରେ ଶିକ୍ଷକ ପଦବୀ ନ ଥାଇ ଟିଜିଟି ବିଜ୍ଞାନ ଶିକ୍ଷୟିତ୍ରୀ ନିଯୁକ୍ତି ଚଞ୍ଚକତା ଧରାପଡିବା ପରେ ପଦବୀକୁ ପ୍ରତ୍ୟାହୃତ ପାଇଁ ଚିଠି କରିଦିଆଗଲା । ଏବେ ପୁଣି ଆଉ ଏକ ଘଟଣା ପଦାରେ ପଡ଼ିଲାଣି। ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଁ ତାଲିକା କରାଗଲା। ପ୍ରସ୍ତୁତି ବିଜ୍ଞାପନ ବାହାର କରାଯାଇ ଅଧା ନିଯୁକ୍ତି ଦିଆଗଲା ଓ ଅଧା ଛଡାଗଲା ବୋଲି ଅଭିଯୋଗ ହେଉଛି। ଆଶାୟୀ ଶିକ୍ଷକମାନେ କରିଥିବା ଅଭିଯୋଗ ଅନୁଯାୟୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଡିକରେ କଳା, ବିଜ୍ଞାନ, କ୍ରୀଡ଼ା, ହିନ୍ଦି, ସଂସ୍କୃତ, ମ୍ୟୁଜିକ ଓ କଳା ବିଭାଗର ଶିକ୍ଷକ ପଦବୀ ପୂରଣ ନେଇ ଏକ ଯୋଗ୍ୟ ତାଲିକା ପ୍ରସ୍ତୁତ କରିବା ପାଇଁ ଗତ ମେ ମାସରେ ବିଜ୍ଞାପନ ବାହାର କରାଯାଇଥିଲା। ଆଶାୟୀ ଶିକ୍ଷକମାନେ ଜୁନ୍ ମାସରେ ଆବେଦନ କରିଥିଲେ। ଆବେଦନ କରିଥିବା ସମସ୍ତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଡିସେମ୍ବର ୧୩ରେ ଉଭୟ ପିଜିଟି ଓ ଟିଜିଟି ବର୍ଗର କେବଳ କଳା, ବିଜ୍ଞାନ ଓ ସଂସ୍କୃତ ବିଭାଗର ୩୭ ଜଣ ଶିକ୍ଷକଙ୍କୁ ମୌଖିକ ପରୀକ୍ଷା ପାଇଁ ଡକାଯାଇ ଏକ ଯୋଗ୍ୟ ତାଲିକା ପ୍ରସ୍ତୁତ କରାଯାଇଥିଲା। ସେଥି ମଧ୍ୟରୁ ଯୋଗ୍ୟ ଶିକ୍ଷକଙ୍କୁ ବିଭିନ୍ନ ଆଦର୍ଶ ବିଦ୍ୟାଳୟକୁ ଖାଲିଥିବା ପଦବୀ ଅନୁଯାୟୀ ପଠାଯାଇଥିଲା। କିନ୍ତୁ ଆର୍ଟସେ, ମ୍ୟୁଜିକ, କ୍ରୀଡ଼ା ଓ ହିନ୍ଦୀ ଶିକ୍ଷକମାନଙ୍କୁ ମୌଖିକ ପରୀକ୍ଷା ପାଇଁ ଡକାଗଲା ନାହିଁକି ନିଯୁକ୍ତି ଦିଆଗଲା ନାହିଁ ବୋଲି ଆଶାୟୀ ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବାରମ୍ବାର ଜଣାଉଥିଲେ ମଧ୍ୟ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନାହିଁ ବୋଲି କହିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଏହା ପୁରାପୁରି ଅସ୍ଥାୟୀ ଓ ସାମୟିକ ପଦବୀ। ଖାଲିଥିବା ଶିକ୍ଷକ ପଦବୀ ଏବେ ସିଧା ସଳଖ ସ୍କୁଲ ପକ୍ଷରୁ ନିୟୋଜିତ କରିବେ। ଆଶାୟୀମାନେ ସେହି ସ୍କୁଲରେ ଆବେଦନ କରିବେ ବୋଲି କହିଥିଲେ। ଯାହା ଫଳରେ ଏବେ ଆବେଦନ କରିଥିବା ହିନ୍ଦୀ, ଆର୍ଟସେ, ମ୍ୟୁଜିକ, କ୍ରୀଡ଼ା ଆଶାୟୀ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ବିବାରେ ଲାଗିଛି।

# ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ଉଦ୍‌ଘାଟନ କଲେ ଏମ୍‌ପି

ଦଶମନ୍ତପୁର, ୧୦।୧(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ଓ ଚିକାମ୍ବ ପଞ୍ଚାୟତସ୍ଥିତ ପିରିମାଛି ଗାଁରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ମଙ୍ଗଳବାର ୨ଟି ଜିଓ ମୋବାଇଲ ଟାୱାର ଉଦ୍‌ଘାଟନ କରିଛନ୍ତି। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଥିବାରୁ ସେମାନେ ଖୁସି ଅଛନ୍ତି। କିନ୍ତୁ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ, ବ୍ଲକ ଅଧ୍ୟକ୍ଷା ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ବିଜେଡି ଅସନ୍ତୋଷ ପ୍ରକାଶ କରିଛି। ଉକ୍ତ ଅଞ୍ଚଳରେ ମୋବାଇଲ ଟାୱାର ପାଇଁ ବିଜେଡି ପକ୍ଷରୁ ମଧ୍ୟ ବହୁବାର ଦାବି କରାଯାଇଥିଲା ବୋଲି ଦଳୀୟ ନେତାମାନେ କହିଛନ୍ତି।

ସୂଚନାନୁଯାୟୀ, ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରଚାରବେଳେ କଂଗ୍ରେସ ଜିଲା ପରିଷଦ ସଭ୍ୟଙ୍କୁ ଭୋଟ ଦେଇ ଜିତାଇଲେ ମୋବାଇଲ ଟାୱାର ଯୋଗାଇ ଦିଆଯିବ ବୋଲି ଏମ୍‌ପି କହିଥିଲେ। ଏମ୍‌ପି ପ୍ରତିଶ୍ରୁତି ରକ୍ଷା କରିଥିବାରୁ ଅଞ୍ଚଳବାସୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାପରେ ଏମ୍‌ପି ଉଲ୍ଲାକା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କ ସହ ବ୍ଲକ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହା ପରେ ନୂତନ କୋର୍ଟ ନିକଟରେ ଆୟୋଜନ କରାଯାଇଥିବା ସାଧାରଣ ବୈଠକରେ ସେ ଯୋଗଦେଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସମସ୍ତ ପଦ କଂଗ୍ରେସ ସପକ୍ଷରେ ହେବା ଆବଶ୍ୟକ ବୋଲି ଏମ୍‌ପି କହିଥିଲେ। କଂଗ୍ରେସର ନୀତି ଓ ଆଦର୍ଶକୁ ମାନି ଲୋକଙ୍କ ପାଇଁ ନିଃସ୍ୱାର୍ଥପରଭାବେ କାମ କରିବା ଆମ କର୍ତ୍ତବ୍ୟ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ରୂପକ ତୁରୁକ, ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ଦଳାଇ, ଏମ୍‌ପିଙ୍କ ଲକ୍ଷ୍ମୀପୁର ବ୍ଲକ ପ୍ରତିନିଧି ପବିତ୍ର ସାଉନ୍ତା, ଦଶମନ୍ତପୁର ପ୍ରତିନିଧି ରାଜେନ୍ଦ୍ର ହୁଇକ, ଲକ୍ଷ୍ମୀପୁର କଂଗ୍ରେସ ସଭାପତି କୈଳାସ ଚନ୍ଦ୍ର ଖୋସ୍‌ଲା, ବ୍ଲକ ଯୁବକଂଗ୍ରେସ ଉପସଭାପତି ହେମନ୍ତ ବାଘ, ଦିଲୀପ ବାଘ, ତ୍ରିନାଥ ବିଷୋୟୀ, ସୁବାସ ଖୋସ୍‌ଲା, ଅର୍ଜୁନ ଚେଙ୍ଗୀ, ପଙ୍କଜ ବାଘ, ଚିକାମ୍ବ ସରପଞ୍ଚ ସାଇବେଣୀ ଜାନି, ଦଶମନ୍ତପୁର ସରପଞ୍ଚ ସବାଇ ମୁଦୁଲିଙ୍କ ସମେତ ସମସ୍ତ ସମିତି ସଭ୍ୟ ଓ ୧୬ ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇଥିଲେ।

ବିଜେଡିକୁ ଅଣଦେଖାକୁ ନେଇ ଅସନ୍ତୋଷ


ଟାୱାର ଉଦ୍‌ଘାଟନ ଅବସରରେ କୋରାପୁଟ ଏମ୍‌ପି ଓ କଂଗ୍ରେସ ନେତା, କର୍ମୀମାନେ।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ: ହତ୍ୟା ଅଭିଯୋଗ

ରାୟଗଡ଼ା,୧୦।୧(ସ୍ୱ.ପ୍ର.)- ରାୟଗଡ଼ା ସହରର ରାଣୀଗୁଡ଼ା ଅଞ୍ଚଳରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସନ୍ଦେହଜନକ ଅବସ୍ଥାରେ ମଙ୍ଗଳବାର ଜବତ କରାଯାଇଛି। ସେ ହେଲେ ରାୟଗଡ଼ା ବ୍ଲକ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ବାଲିଗୁଡ଼ା ଗ୍ରାମର ରାଜେଶ କାଡ୍ରାକା(୨୨)। ସ୍ତ୍ରୀ ଏବଂ ଶାଳକ ତାଙ୍କୁ ହତ୍ୟା କରିଥିବା ରାଜେଶଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରାଜେଶ ରାୟଗଡ଼ା ସହରରେ ଭଡ଼ାରେ ରହି ଏକ ଲୁଗା ଦୋକାନରେ କାମ କରୁଥିଲେ। ସବୁଦିନ ଭଳି ସୋମବାର ରାତିରେ ସେ ଘରକୁ ଆସିଥିଲେ। ତେବେ ମଙ୍ଗଳବାର ସକାଳେ ଘର ମଧ୍ୟରେ ତାଙ୍କୁ ବିଦ୍ୟୁତ୍ ତାରରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏ ନେଇ ସ୍ତ୍ରୀ ଓ ଶଳା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି। ଘଟଣାର ଉପଯୁକ୍ତ ତଦନ୍ତ କରିବା ପାଇଁ ରାଜେଶଙ୍କ ପରିବାର ଲୋକେ ଦାବି କରିଛନ୍ତି।

### ରାମନାଗୁଡ଼ା ଥାନାର ପ୍ରଥମ ଆଇଆଇସି ସୁନିତା



ରାମନାଗୁଡ଼ା, ୧୦।୧ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକରେ ଥିବା ଫାଣ୍ଡି ଥାନାର ମାନ୍ୟତା ପାଇଛି। ସୋମବାର ମୁଖ୍ୟମନ୍ତ୍ରୀ ଏହାକୁ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ଥାନାରେ ପ୍ରଥମ ଆଇଆଇସି ଭାବେ ସୁନିତା ବେହେରା ଦାୟିତ୍ୱ ନେଇଛନ୍ତି। ଅଞ୍ଚଳରେ ବେଆଇନ ଗୋଚାଲାଣ, ବେଆଇନ ମଦ କାରବାର ଏବଂ ଟ୍ରାଫିକ ସମସ୍ୟା ଥାନା ଅଧିକାରୀଙ୍କ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ହେବ। ବେହେରା ଏଥିପୂର୍ବରୁ ଗୁଣପୁର ଉପଖଣ୍ଡ ପୁଟାସିଂ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ, ଜନସଂଖ୍ୟା ବୃଦ୍ଧି ଏବଂ ଅନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶାର ୨୯ ଫାଣ୍ଡିକୁ ଥାନାରେ ପରିବର୍ତ୍ତିତ କରାଯାଇଛି। ଏଥିରେ ରାମନାଗୁଡ଼ା ମଧ ଅନ୍ତର୍ଭୁକ୍ତ।

### ପ୍ରଧାନମନ୍ତ୍ରୀ ଆପ୍ରେଣ୍ଟିଶିପ୍ ମେଳା

ରାୟଗଡ଼ା ଅଫିସ,୧୦।୧- ଜିଲା ଶିଳ୍ପ ତାଲିମ ଅନୁଷ୍ଠାନ ଠାରେ ସୋମବାର ପ୍ରଧାନମନ୍ତ୍ରୀ ଆପ୍ରେଣ୍ଟିଶିପ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା,



ମୁଖ୍ୟବକ୍ତା ରୂପେ ଏନଏସଟିଆଇ ଡେପୁଟି ଡାଇରେକ୍ଟର ଆର୍.ସି. ମଣ୍ଡଳ, ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର, ଡିଆଇପିଆର୍‌ଓ ବସନ୍ତ ପ୍ରଧାନ, ରାୟଗଡ଼ା ଏମ୍ଏସ୍ଏମ୍ଇ ଡେପୁଟି ଡାଇରେକଟର ଏନ୍. କୋଟିରତ୍ନମ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ଅତୁଲ୍ୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥି ବେହେରା ସ୍ଥାନୀୟ କମ୍ପାନୀ ମାନଙ୍କରେ ବହୁ ସଂଖ୍ୟାରେ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେବା ପାଇଁ କହିଥିଲେ। ଜିଲା ନିୟୋଜନ ଅଧିକାରୀ ଦକ୍ଷତା ବିକାଶ ପାଇଁ ପରାମର୍ଶ ଦେଇଥିଲେ। ମେଳାରେ ୧୬୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲାର ପ୍ରାୟ ୮ କମ୍ପାନୀ ଯୋଗଦେଇ ୧୪୩ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ। ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ତାଲିମ ଅଧିକାରୀ ନିଶିକାନ୍ତ ଶର୍ମା ଧନ୍ୟବାଦ ଦେଇଥିଲେ।



ମାଲକାନଗିରି ସଦର ବ୍ଲକରେ କଳସ ଶୋଭାଯାତ୍ରା ।



କାଳିମେଳାରେ ମାଲ୍ୟବନ୍ତ ମଣ୍ଡପରେ କଳସ ସ୍ଥାପନ ।


ମାଥିଲି ବ୍ଲକରେ କଳସ ପୂଜାର୍ଚ୍ଚନ କରାଯାଉଛି ।

# ଆଦିବାସୀ ନୃତ୍ୟରେ କମ୍ପୁଛି ବ୍ଲକ

ମାଲକାନଗିରି/ମାଥିଲି/ପଡିଆ/କାଳିମେଳା,୧୦।୧(ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ପକ୍ଷରୁ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଶୁଭାରମ୍ଭ ହୋଇଛି। ଏମ୍‌ଭି ୧୧ ଗ୍ରାମ ନିକଟ ନଦୀରୁ ଜଳ ସଂଗ୍ରହ କରାଯାଇଛି। ବିଡିଓ ଅଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ନୀତି ଅନୁଯାୟୀ ନଦୀକୂଳରେ ପୂଜାର୍ଚ୍ଚନା କରାଯିବା ସହ ଜଳ ସଂଗ୍ରହ କରା ଯାଇଛି। ଶତାଧିକ ମହିଳା ଏବଂ ପୁରୁଷ କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରି କରିଥିଲେ। ବ୍ଲକ ସମ୍ମୁଖ ଖେଳ ପଡ଼ିଆଠାରେ କଳସ ସ୍ଥାପନ କରାଯାଇଥିଲା। ପରେ ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଯୁବ ସଙ୍ଗଠନ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଅପରାହ୍ନରେ ମହୋତ୍ସବରେ ବିଡିଓଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲ, ସମ୍ମାନନୀୟ ଅତିଥି ରୂପେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ଆଇଟିଡିଏ ପିଏ ତ୍ରିନାଥ ମାଝି, ସ୍ୱତନ୍ତ୍ର ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ଆଡମା ରାବା ଅଂଶଗ୍ରହଣ କରି ମାଲ୍ୟବନ୍ତ ମହୋତ୍ସବ ବିଷୟରେ ଉପସ୍ଥିତ ଲୋକଙ୍କୁ ଉଦ୍‌ବୋଧନ ଦେଇଥିଲେ। କ୍ରୀଡ଼ା ଏବଂ ଅନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଏବଂ ସଙ୍ଗଠନକୁ ଅତିଥିଙ୍କ ଦ୍ୱାରା ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା।

ମାଲକାନଗିରି ଜିଲା ମାଥିଲି ସଦର ବ୍ଲକରେ ମଙ୍ଗଳବାର ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ବିଡିଓ ହୃଷିକେଶ ଗଣ୍ଡଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛତିଶଗଡ଼ ସୀମାନ୍ତ ସାଲମି ଶିବ ମନ୍ଦିର ନିକଟ ସାବେରୀ

**ମାଲ୍ୟବନ୍ତ ମହୋତ୍ସବ**

ନଦୀରୁ ଜଳ ସଂଗ୍ରହ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ନାଚଗୀତ ଓ ବାଦ୍ୟର ତାଳେତାଳେ ମହିଳା ଓ ଯୁବକ ମାନେ ଢେମସା ନୃତ୍ୟରେ ମସଗୁଲ ହୋଇଥିଲେ। କଳସଗୁଡ଼ିକୁ ଶୋଭାଯାତ୍ରାରେ ଆଣି ମାଥିଲି ସଦର ମହକୁମା ଷ୍ଟାଡିୟମ ପରିସର ମଣ୍ଡପରେ ସ୍ଥାପନ କରାଯାଇଥିଲା। ବ୍ଲକ ଅଧକ୍ଷ ମହେଶ୍ୱର ବାକାଙ୍କ ତତ୍ତ୍ୱାବଧାନରେ ଅୟୋଜିତ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ନାୟକ, ଜିଲା ପରିଷଦ ସଭ୍ୟ ହିରଣ୍ୟ ମୁଦୁଲି, ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ବ୍ଲକ ଉପାଧକ୍ଷା ମାମିନା ଦଳେଇ, ବ୍ଲକର ସମସ୍ତ ସରପଞ୍ଚ ସମିତିସଭ୍ୟ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ବ୍ଲକର ବିଭିନ୍ନ ଯୁବଗୋଷ୍ଠୀକୁ ନେଇ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରୀ ଓ ଯୁବଗୋଷ୍ଠୀଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ପଡ଼ିଆ ବ୍ଲକରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ବିଡିଓ ରାମକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। କମାରଗୁଡ଼ା ଦୁର୍ଗା ମନ୍ଦିର ନିକଟ ସାବେରୀ ନଦୀରୁ ଜଳ ସଂଗ୍ରହ କରି ଏକ ବିରାଟ ପଟୁଆରରେ କଳସ ଗୁଡ଼ିକୁ ସଦର ସ୍ଥିତ ଖେଳ ପଡିଆ ମଣ୍ଡପକୁ ଅଣାଯାଇଥିଲା। ଏଥିରେ ଆଦିବାସୀଙ୍କ ପାରମ୍ପରିକ ବାଦ୍ୟ ନୃତ୍ୟ ସହ ହଜାରରୁ ଉର୍ଦ୍ଧ୍ୱ ଏସ୍ଏଚ୍‌ଜି, ଛାତ୍ରୀଛାତ୍ର, ସ୍ଥାନୀୟ ବଦ୍ଧିଜୀବୀ, ଯୁବ ସଙ୍ଗଠନ, ବ୍ଲକର ସମସ୍ତ ପଦାଧିକାରୀ ଓ କର୍ମଚାରୀ ସାମିଲ ଥିଲେ। ଅପରାହ୍ନରେ ବ୍ଲକ ଅଧକ୍ଷା ଯମୁନା ମୁଷାକିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ କଲ୍ୟାଣ ବିଶ୍ୱାସ, ପଡ଼ିଆ ଜୋନ୍ ଜିଲା ପରିଷଦ ସଦସ୍ୟା ସୁରଭି ଭୌମିକ, ଏମ୍‌ପିଙ୍କ ପ୍ରତିନିଧି ସି.ଏଚ୍. ରେବିଟ୍ କୁମାର, ଏମ୍‌ଡି ଫାରୁକଙ୍କ ସହ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ, ଜିଲା ପରିଷଦ ସଭ୍ୟ ସମେତ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି।

କାଳିମେଳା ବ୍ଲକରେ ସୋମବାର ମାଲ୍ୟବନ୍ତ ମହୋତ୍ସବ କାଳିମେଳା ପଞ୍ଚାୟତ ଅନ୍ତର୍ଗତ ବୁଡିଗୁଡ଼ା ଗ୍ରାମ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୁବାସିନି ସୋଡ଼ୀ, ଜିଲା ପରିଷଦ ଉପାଧକ୍ଷ, ବିଡିଓ ଉମାଶଙ୍କର ଦଲାଇ, ଏବିଡିଓ ବସନ୍ତ କୁମାର ବେହେରା ତହସିଲଦାର ଚାଇନୁ ଗଣ୍ଡ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ୀ, ପୂର୍ବତନ ବ୍ଲକ ଅଧକ୍ଷ ମାଳା ମାଢ଼ି, ବ୍ଲକ ଉପାଧକ୍ଷ ଲକ୍ଷ୍ମୀଧର ମାଡକାମି, ଏମ୍‌ପିଙ୍କ ପ୍ରତିନିଧି ଇ. ଭେଙ୍କଟ ରାଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୨୩ ପଞ୍ଚାୟତର ବିଭିନ୍ନ ପୁଣ୍ୟସ୍ଥଳରୁ କଳସରେ ଜଳ ଆଣି ଏକ କଳସ ଶୋଭାଯାତ୍ରା କରାଯାଇ ଶହୀଦ ତାମା ଦୋରା ପାର୍କରେ ପହଞ୍ଚିଥିଲା। ଏଥିରେ ସରପଞ୍ଚ, ପିଇଓ, ଜିଆର୍ଏସ୍, ଏସ୍ଏଚ୍‌ଜି ମହିଳା ଏବଂ ଅଞ୍ଚଳର ମହିଳା ସାମିଲ ହୋଇଥିଲେ। ପରେ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନ ସହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଶହୀଦ ତାମା ଦୋରା ପାର୍କ ନିକଟରେ ଉଦ୍‌ଯାପନୀ ସଭା ହୋଇଥିଲା। ଏଥିରେ ମାଲକାନଗିରି ଉପ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ଚିତ୍ରକୋଣ୍ଡା ଜଳଭଣ୍ଡାରରେ ବିଭିନ୍ନ ପ୍ରଜାତିର ପକ୍ଷୀ।

## ଚିତ୍ରକୋଣ୍ଡା ଜଳଭଣ୍ଡାରରେ ୪୦୧୨ ପକ୍ଷୀ

ଚିତ୍ରକୋଣ୍ଡା,୧୦।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନାଞ୍ଚଳ ଆନୁକୂଲ୍ୟରେ ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଚିତ୍ରକୋଣ୍ଡା ଜଳଭଣ୍ଡାରରେ ପକ୍ଷୀଗଣନା କରାଯାଇଛି। ମୋଟ ୪୦୧୨ ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି।

ବନ ବିଭାଗର ବୋଟ୍‌ରେ ଚିତ୍ରକୋଣ୍ଡା ସ୍ପିଲ୍‌ବାଇ ଲଞ୍ଚ ଘାଟରୁ ଆଲାମପକା ଏବଂ ଆଲାମପକାଠାରୁ ଜାନବାଇ ଧନୁର୍ଜୟଗୁଡ଼ା ପର୍ଯ୍ୟନ୍ତ ନଦୀ ଭିତରେ ବୁଲି ପକ୍ଷୀଗଣନା କରାଯାଇଥିଲା। ଏଥିରେ ୮ ବନ କର୍ମଚାରୀ, ଜଣେ ଭିଏସ୍ଏସ୍, ୪ ସ୍କ୍ୱାଡ୍ ନିୟୋଜିତ ହୋଇଥିଲେ। ଚିହ୍ନଟ ପକ୍ଷୀଙ୍କ ମଧ୍ୟରେ ଛୋଟ ପାଣିକୁଆ, ଧଳାବଗ, ବଡ଼ ପାଣିକୁଆ, କିଙ୍ଗ୍ ଫିଶର, ରାଣୀବଗ, ପାଣି ଡୁବୁକି, ହାଡ଼ଗିଲା, କଳାକାଙ୍କ ଓ ହଁସରାଳୀ ରହିଥିବା ସୂଚନା ମିଳିଛି। ଉକ୍ତ ପକ୍ଷୀଗଣନା କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବନପାଳ ମୃତ୍ୟୁଞ୍ଜୟ ସେଠୀ, ନିରଞ୍ଜନ ସାହୁ, ହରି ହନ୍ତାଳଙ୍କ ସମେତ ଅନ୍ୟ କାର୍ଯ୍ୟାଳୟର ବନପାଳ ପରିଚାଳନା କରିଥିଲେ।

**ବନ ବିଭାଗ ପକ୍ଷରୁ ପକ୍ଷୀଗଣନା**

## ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷଙ୍କ ପୁଅ ନିଖୋଜ

ରାୟଗଡ଼ା/ଗୁଣପୁର୧୦।୧(ସ୍ୱ.ପ୍ର./ଡି.ଏନ୍.ଏ.)

ରାୟଗଡ଼ା ସହର କାଳୀପୂଜା ଛକ ଅଞ୍ଚଳ ନିବାସୀ ଆଶୁତୋଷ ଗମାଙ୍ଗ(୪୦) ୩ ଦିନ ହେଲା ନିଖୋଜ ଅଛନ୍ତି। ଏ ନେଇ ମଙ୍ଗଳବାର ସ୍ତ୍ରୀ ଭବାନୀ ରାୟଗଡ଼ା ଟାଉନ ଥାନାରେ ନିଖୋଜ ନେଇ ଏତଲା ଦେଇଛନ୍ତି। ଆଶୁତୋଷ ୮ ତାରିଖରୁ ନିଖୋଜ ଥିବା ଜଣାପଡ଼ିଛି। ଆଶୁତୋଷ ପୂର୍ବତନ ଜିଲା ପରିଷଦ ଅଧକ୍ଷ ବିଜୟ ଗମାଙ୍ଗ ଏବଂ ପୂର୍ବତନ ଅଧକ୍ଷା କେତକୀ ଗମାଙ୍ଗଙ୍କ ପୁଅ ବୋଲି ଜଣାପଡ଼ିଛି।



ସୂଚନା ଅନୁଯାୟୀ, ଆଶୁତୋଷ କଳାହାଣ୍ଡି ଜିଲା କେସିଙ୍ଗା ନିୟନ୍ତ୍ରିତ ବଜାର କମିଟିରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଛନ୍ତି। ଗତ ରବିବାର ସେ କୌଣସି କାମରେ ଘରୁ ବାହାରି ଆଉ ଫେରିନାହାନ୍ତି। ଭବାନୀଙ୍କ ଏତଲାକୁ ଭିତ୍ତିକରି ପୋଲିସ ୨/୨୩ ରେ ଏକ ମାମଲା ରୁଜୁକରି ଅନୁସନ୍ଧାନ ଚଳାଇଥିବା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ

**ମହାବିଦ୍ୟାଳୟ ସ୍ତରୀୟ ଚଇତି**

ରାୟଗଡ଼ା(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୧୦।୧

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟସ୍ତରୀୟ ଚଇତି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରସନ୍ନ କୁମାର ଗନ୍ତାୟତଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଉପଜିଲାପାଳ ଭୀମସେନ ଶବର, ପୌରାଧକ୍ଷ ମହେଶ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

ପ୍ରାରମ୍ଭରେ ଶ୍ଳୋକାବୃତ୍ତି ଏବଂ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ୭ ତାରିଖରେ ମହିଳା ମହାବିଦ୍ୟାଳୟରେ ଏବଂ ୯ରେ ରାୟଗଡ଼ା କଲେଜରେ ଅନୁଷ୍ଠିତ ରଙ୍ଗୋଲି, ରଚନା, ବକ୍ତୃତା, ନୃତ୍ୟ ତଥା ସଂଗୀତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ମହାବିଦ୍ୟାଳୟ ଅଧକ୍ଷା ଅର୍ଚ୍ଚନା ପଟ୍ଟନାୟକ, ମହାବିଦ୍ୟାଳୟ ଚଇତି ଆବାହକ ଅରୁଣ କୁମାର ଖାଡ଼ଙ୍ଗା ଏବଂ ସଂଯୋଜକ ଏମ୍. ଶ୍ରୀନିବାସ, ଚଇତି କମିଟି ସଭ୍ୟ ସୂର୍ଯ୍ୟନାରାୟଣ ତ୍ରିପାଠୀ, ରାଜେଶ ପାଢ଼ୀ, ଦୟାନନ୍ଦ ଖାଡ଼ଙ୍ଗା, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ବବିଲତା ସରାଫ, ସରସ୍ୱତୀ ରାୟ, ପ୍ରଦୀପ କୁମାର ସାମନ୍ତରାୟ, ଉଦୟ ନାଏକ, ଭୁବନେଶ୍ୱରୀ ପାତ୍ର, ରାଜଲକ୍ଷ୍ମୀ ଦେବୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

## ଦକ୍ଷ ଅଧିକାରୀ, କର୍ମଚାରୀଙ୍କୁ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧନା

ମାଲକାନଗିରି,୧୦।୧(ଡି.ଏନ୍.ଏ.)

ମାଲକାନଗିରି ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲା ପରିଷଦ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସାଧାରଣତନ୍ତ୍ର ଦିବସ କିଭଳି ସଫଳତାର ସହ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

**ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି**

ବିଭିନ୍ନ ବିଭାଗର ଉତ୍ତମ କାର୍ଯ୍ୟ ସମ୍ପାଦନ କରିଥିବା ଦକ୍ଷ ଅଧିକାରୀ ଓ କର୍ମଚାରୀଙ୍କୁ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧନା ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ପ୍ରଜ୍ଞାପନ ମେଢ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ। ଡିଏନକେ ଖେଳ ପଡ଼ିଆଠାରେ ପ୍ରଶାସନ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଖେଳାଯିବ। ବୈଠକରେ ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ତହସିଲଦାର ଚନ୍ଦନ କୁମାର ଭୋଇ, ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ ଏବଂ ଜିଲାର ଅନ୍ୟ ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ସାମାଜିକ ସଙ୍ଗଠନର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଡିଆଇପିଆର୍‌ଓ ପ୍ରମିଳା ମାଝି ଧନ୍ୟବାଦ ଦେଇଥିଲେ।

## ଉପଖଣ୍ଡସ୍ତରୀୟ ଚଇତି 'ଇଡାଇ ଇଡିତାଲ' ଉଦ୍‌ଘାଟିତ

ଗୁଣପୁର,୧୦।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି 'ଇଡାଇ ଇଡିତାଲ' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିପାଇଁ ସକାଳେ କଳସ ଶୋଭାଯାତ୍ରା ହୋଇଥିଲା। ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଆଜ୍ଞାମାଳ ଅଣାଯାଇଥିଲା। ଏହାପରେ କଳସ କୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଲାଞ୍ଜିଆ ସୌରା ନୃତ୍ୟଦଳ, ଯୋଡ଼ିଶଙ୍ଖ ସହ ଛାତ୍ରୀଛାତ୍ର, ମହିଳା ଏସ୍ଏଚ୍‌ଜିର ସଦସ୍ୟମାନେ ଶୋଭାଯାତ୍ରାରେ ସାମିଲ ହୋଇ ନାଚଗୀତରେ ମସଗୁଲ ହୋଇଥିଲେ। ଦୁଇବର୍ଷ ଧରି ଚଇତି ବନ୍ଦ ଥିବାରୁ ଏଥର ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧକ୍ଷା ସରସ୍ୱତି ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ଅନୁସୟା ମାଝି, ଗୁଣପୁର ପୌର ପରିଷଦର ଅଧକ୍ଷା ମମତା ଗୌଡ଼, ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ବ୍ଲକ ଅଧକ୍ଷା ଝିଲି ଶବର, ଉପାଧକ୍ଷ ସୁଦର୍ଶନ ଶବର, ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର, ଚଇତି କମିଟିର ଆବାହକ ଚନ୍ଦ୍ରଧ୍ୱଜ ପଣ୍ଡାଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ, ବିଭିନ୍ନ ଦଳର ନେତା ଓ କର୍ମୀ ଏବଂ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା। ଏଥିରେ ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଏସ୍‌ପି ରାଜ୍ କୁମାରଙ୍କ ସମେତ ବିଧାୟକ ରଘୁନାଥ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଗୀତିକାର ଅକ୍ଷୟ ପଣ୍ଡାଙ୍କ ଚଇତି ଗୀତ ସିଡିକୁ ଏଠାରେ ଉନ୍ମୋଚନ କରାଯାଇଥିଲା। ଶେଷରେ ଅକ୍ଷୟ ଦାସ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଶେଷ ଆକର୍ଷଣ ଭାବେ ଓଲିଉଡ୍ ନାୟିକା ରିୟା ଦେ ଯୋଗ ଦେଇଥିଲେ।


ଉଦ୍‌ଘାଟନୀ ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା ।

## ମାଟି ସାମଗ୍ରୀ ତିଆରି ତାଲିମ ନେଉଛନ୍ତି ଛାତ୍ରୀଛାତ୍ର

କୋରୁକୋଣ୍ଡା,୧୦।୧(ଡି.ଏନ୍.ଏ.)

ମାଟିରେ ପ୍ରସ୍ତୁତ ସାମଗ୍ରୀ ଧୀରେ ଧୀରେ



ଲୋପପାଉଛି। ଏହାକୁ ପୁନର୍ଜୀବିତ କରିବା ପାଇଁ ମାଲକାନଗିରି ଜିଲାରେ ନିଆରା ପ୍ରୟାସ ଆରମ୍ଭ ହୋଇଛି। କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ ସଦର ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ର ଛାତ୍ରୀମାନଙ୍କୁ ମାଟିରେ ପ୍ରସ୍ତୁତ ସାମଗ୍ରୀ ତିଆରି ତାଲିମ ଦିଆଯାଉଛି। କୁମ୍ଭାରଗୁଡ଼ାରେ ମାଟି ସାମଗ୍ରୀ ପ୍ରସ୍ତୁତ କରି ଜୀବିକା ନିର୍ବାହ କରୁଥିବା ମାଟି କାରିଗରଙ୍କ ପାଖକୁ ନେଇ ପିଲାମାନଙ୍କୁ ବିଭିନ୍ନ ମାଟି ସାମଗ୍ରୀ ପ୍ରସ୍ତୁତ ପ୍ରଶିକ୍ଷଣ ଦିଆଯାଇଛି। ଜିଲା ହସ୍ତଶିଳ୍ପ କର୍ମ ବିଭାଗ ପକ୍ଷରୁ ଶିଖପାଲି ଓ ସୋମନାଥପୁର ଠାରେ କେଜିବିଭି ଠାରେ ୨ ମାସିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଛି। ଦିଲ୍ଲୀରୁ ନିଲମ ଗୁପ୍ତା ଓ କୋଲ୍‌କାତାରୁ ସୁଦୀପ୍ତ ଘୋଷ ଏହି ଶିବିରର ଡିଜାଇନର ହୋଇଥିବା ବେଳେ ଗଦାଧର ରଣା ଓ ସାଧୁ ରଣା ମୁଖ୍ୟ ପ୍ରଶିକ୍ଷକ ରୂପେ ନିଯୁକ୍ତି ପାଇଛନ୍ତି। ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ସଂଯୋଜକ ରାମକୃଷ୍ଣ ଚୌଧୁରୀ ଶିବିର ପରିଚାଳନା କରୁଥିବାବେଳେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶିବିରର ପରିଚାଳନା କରିଥିଲେ।

**କୁମ୍ଭାରଗୁଡ଼ାର ମାଟି କାରିଗର ଦେଉଛନ୍ତି ତାଲିମ**

